# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୫.୦୯.୨୦୨୨ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ଝରଣାରାଣୀ ପତି,
୪. ଶ୍ରୀମତୀ ପୂଜା ମହାରଣା,
୫. ଶ୍ରୀମତୀ ମଧୁସ୍ମିତା ପ୍ରଧାନ,
୬. ଶ୍ରୀମତୀ ସୁଜାତା ଛୋଟରାୟ,
୭. ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ

ଅଦ୍ୟ ତା ୧୫.୦୯.୨୦୨୨ ରିଖ ଅପରାହ୍ନ ଘ. ୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ପାହାଲ ଠାରୁ ଲିଙ୍ଗିପୁର ବାଇପାସ୍ ରାସ୍ତାରେ ବେଆଇନ୍ ଭାବେ ଲାଗିଥିବା ହୋର୍ଡ଼ିଂ ଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଆଜିର ବୈଠକରେ କୌଣସି ଅଧିକାରୀ Progress Report ଉପସ୍ଥାପନ କରିନଥିବାରୁ କମିଟି କ୍ଷୋଭ ପ୍ରକାଶ କରିଥିଲେ । ତେଣୁ ଆସନ୍ତା ମାସ ବୈଠକରେ ଉପ ଆୟୁକ୍ତ ରାଜସ୍ୱ, ଉପ ଆୟୁକ୍ତ ମାର୍କେଟ୍, ନଗର ସ୍ୱାସ୍ଥ୍ୟ ଅଧିକାରୀ, ଉପ ଆୟୁକ୍ତ କର୍ପୋରେସନ୍ ଆସେଟ୍ସ ଓ ପ୍ରୋଜେକ୍ଟ ପ୍ରତି ମାସର ପ୍ରୋଗ୍ରେସ୍ ରିପୋର୍ଟ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମର ଉପ ଆୟୁକ୍ତ କର୍ପୋରେସନ୍ ଆସେଟ୍ସ ଓ ପ୍ରୋଜେକ୍ଟ ଷ୍ଟାଣ୍ଡିଂ କମିଟିରେ ବାରମ୍ବାର ଅନୁପସ୍ଥିତ ରହୁଥିବାରୁ ସେ ସମ୍ବନ୍ଧୀୟ କୌଣସି ଆଲୋଚନା ହୋଇପାରୁନାହିଁ, ତେଣୁ ଆସନ୍ତା ମାସ ବୈଠକରେ ଉପ ଆୟୁକ୍ତ କର୍ପୋରେସନ୍ ଆସେଟ୍ସ ଓ ପ୍ରୋଜେକ୍ଟ କମିଟିରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ରହିଥିବା ବିଧିମାନ୍ୟ ବିଜ୍ଞାପନଫଳକ (Authorized Hording) ର ତାଲିକା ଜୋନାଲ୍ ଡ଼େପୁଟି କମିଶନରମାନଙ୍କୁ ଉପ ଆୟୁକ୍ତ ରାଜସ୍ୱ ଦେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେ ବିଜ୍ଞାପନଫଳକ କେଉଁଠାରେ ଲାଗିଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ ରାଜସ୍ୱଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଇଲେକ୍ଟ୍ରି ପୋଲ୍‌ରେ କେଉଁମାନେ କେବୁଲ୍ ଲାଇନ୍ ନେଇଛନ୍ତି ସେ ବାବଦକୁ ଭୁବନେଶ୍ୱର ମହାନଗର ନିଗମକୁ କେତେ ଅର୍ଥ ଦେଇଛନ୍ତି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ ରାଜସ୍ୱଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେ ଗୋଟି ପାର୍କିଂସ୍ଥଳ ଅଛି, ସେଥି ମଧ୍ୟରୁ କେତେ ଗୋଟି ପାର୍କିଂସ୍ଥଳ ନିଲାମ ହୋଇଅଛି ଆଉ କେତେ ଗୋଟି ପାର୍କିଂସ୍ଥଳ କେବେ ଠାରୁ ନିଲାମ ହୋଇନାହିଁ, ସେଠାରୁ ପାର୍କିଂ ଫି କିପରି ଓ କେତେ ଅର୍ଥ ଆଦାୟ ହେଉଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିଗମର ଉପ ଆୟୁକ୍ତ ରାଜସ୍ୱଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). ବୀର ସୁରେନ୍ଦ୍ର ସାଏ ନଗର ହାଟରେ ପାର୍କିଂସ୍ଥଳ ଓ ପିଣ୍ଡିର ଉନ୍ନତିକରଣ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୯). ଭୁବନେଶ୍ୱର ମହାନଗର ନିଗମାଂଚଳ ବାବା ଟିଲ୍‌କୋ ନଗର ପଡ଼ିଆରେ ଦୀର୍ଘ ଦିନ ହେବ ହାଟ ଚାଲୁଅଛି, ତାହାକୁ ଉନ୍ନତିକରଣ କରାଯାଇ ସେଠାରୁ ରାଜସ୍ୱ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୧୫.୦୯.୨୦୨୨ ରିଖ